# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୧୧.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀ ଶିବ ନାରାୟଣ ରାୟ,
୩. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୪. ଶ୍ରୀମତୀ ଇତିଶ୍ରୀ ଦାସ,
୫. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୬. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୧୫.୧୧.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କୁକୁର ସଂଖ୍ୟା ବହୁତ ବଢିଗଲାଣି, ସେମାନେ ରାସ୍ତାଘାଟରେ ବୁଲୁଛନ୍ତି ଯାହା ଫଳରେ ଦୁର୍ଘଟଣା ବଢୁଅଛି । ରାତ୍ରି ଅଧିକ ସମୟରେ କେହି ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ସେମାନେ କାମୁଡ଼ିବାକୁ ଗୋଡ଼ାଉଛନ୍ତି, ତେଣୁ କୁକୁର ବନ୍ଧ୍ୟାକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର (Land Right Certificate) ଦେବାପାଇଁ ୱାର୍ଡ଼ର ବସ୍ତି ଗୁଡ଼ିକରେ ହେବାକୁ ଥିବା ଡ୍ରୋନ୍ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ଉପସ୍ଥିତିରେ SDA ଏବଂ ବସ୍ତିବାସିନ୍ଦାଙ୍କ ସହିତ ଏକ ମିଟିଙ୍ଗ୍ କରିସାରିଲା ପରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୫.୧୧.୨୦୨୨ ରିଖ